रजिस्ट्री सं० डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ଵାରା ପ୍ରକାଶିତ

977/91
5/9/91

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I

ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଲ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଚ଼ାଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ମୁସଲମାନ ବିବାହ ବିଘଟନ ଅଧିନିୟମ, 1939

## 1939 ର ଅଧିନିୟମ ସଂ 8

ମୁସଲମାନ ବିଧି ଅନୁଯାୟୀ ବିବାହ କରିଥିବା ନାରୀମାନଙ୍କ ଦ୍ୱାରା ବିବାହର ବିଘଟନ ପାଇଁ ଆଗତ ମକଦ୍ଦମା ସମ୍ପର୍କିତ ମୁସଲମାନ ବିଧିର ଉପବନ୍ଧଗୁଡ଼ିକର ଏକତ୍ରୀକରଣ ଓ ସ୍ପଷ୍ଟୀକରଣ ନିମିତ୍ତ ଏବଂ କୌଣସି ବିବାହିତା ମୁସଲମାନ ନାରୀର ବିବାହ ବନ୍ଧନ ଉପରେ ସେ ଇସଲାମ ଧର୍ମ ତ୍ୟାଗ କରିବାର ପରିଣାମ ସମ୍ବନ୍ଧରେ ଥିବା ସନ୍ଦେହ ଦୂର କରିବା ନିମିତ୍ତ ଏକ ଅଧିନିୟମ ।

[17 ମାର୍ଚ୍ଚ, 1939]

ଯେହେତୁ ମୁସଲମାନ ବିଧି ଅନୁଯାୟୀ ବିବାହ କରିଥିବା ନାରୀମାନଙ୍କ ଦ୍ୱାରା ବିବାହର ବିଘଟନ ପାଇଁ ଆଗତ ମକଦ୍ଦମା ସମ୍ପର୍କିତ ମୁସଲମାନ ବିଧିର ଉପବନ୍ଧଗୁଡ଼ିକର ଏକତ୍ରୀକରଣ ଓ ସ୍ପଷ୍ଟୀକରଣ କରିବା ଏବଂ କୌଣସି ବିବାହିତା ମୁସଲମାନ ନାରୀର ବିବାହ ବନ୍ଧନ ଉପରେ ସେ ଇସଲାମ୍ ଧର୍ମ ତ୍ୟାଗ କରିବାର ପରିଣାମ ସମ୍ବନ୍ଧରେ ଥିବା ସନ୍ଦେହ ଦୂର କରିବା ସମୀଚୀନ ଅଟେ ; ତେଣୁ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ମୁସଲମାନ ବିବାହ ବିଘଟନ ଅଧିନିୟମ, 1939 ନାମରେ ଅଭିହିତ ହେବ ।

(2) ଜମ୍ମୁ ଓ କାଶ୍ମୀର ରାଜ୍ୟ ଭିନ୍ନ ଅବଶିଷ୍ଟ ସମଗ୍ର ଭାରତରେ ଏହା ବିସ୍ତୃତ ।

ବିବାହର ବିଘଟନ ପାଇଁ ଡିକ୍ରୀର ହେତୁ ।

2. ମୁସଲମାନ ବିଧି ଅନୁଯାୟୀ ବିବାହ କରିଥିବା କୌଣସି ନାରୀ ନିମ୍ନୋକ୍ତ କୌଣସି ଏକ ବା ଏକାଧିକ ହେତୁ ଯୋଗେ ସ୍ୱୀୟ ବିବାହ ବିଘଟନ ପାଇଁ ଏକ ଡିକ୍ରୀ ପାଇବାକୁ ହକ୍‌ଦାର ହେବେ :—

(i) ଯଦି ଚାରିବର୍ଷ ଯାଏ ପତିଙ୍କର ପତ୍ତା ଜଣାପଡ଼ି ନାହିଁ ;

(ii) ଯଦି ପତି ଦୁଇବର୍ଷ ଯାଏ ତାହାଙ୍କ ଭରଣ ପୋଷଣ ପାଇଁ ବ୍ୟବସ୍ଥା କରିବାକୁ ଅବହେଳା କରିଥାନ୍ତି ବା ବ୍ୟବସ୍ଥା କରିପାରି ନଥାନ୍ତି ;

(iii) ଯଦି ପତି ସାତବର୍ଷ ବା ତଦୂର୍ଦ୍ଧ୍ୱ କାଳାବଧି ପାଇଁ କାରାବାସ ଦଣ୍ଡାଦିଷ୍ଟ ହୋଇଥାନ୍ତି ;

(iv) ଯଦି ପତି ଯୁକ୍ତିଯୁକ୍ତ କାରଣ ବିନା ତିନିବର୍ଷ ଯାଏ ସ୍ୱୀୟ ବୈବାହିକ କର୍ତ୍ତବ୍ୟ ସମ୍ପାଦନ କରିପାରି ନଥାନ୍ତି ;

(v) ଯଦି ବିବାହ ସମୟରେ ପତି ନପୁଂସକ ଥିଲେ ଓ ନପୁଂସକ ହୋଇ ରହିଅଛନ୍ତି ;

(vi) ଯଦି ପତି ଦୁଇବର୍ଷ ଯାଏ ଉନ୍ମତ୍ତ ଥାନ୍ତି ବା କୁଷ୍ଠରୋଗ ବା କୌଣସି ଉତ୍କଟ ରତିଜ ରୋଗ ଭୋଗୁଥାନ୍ତି ;

(vii) ଯଦି ନାରୀ ପନ୍ଦରବର୍ଷ ବୟସରେ ଉପନୀତ ହେବା ପୂର୍ବରୁ ସ୍ୱୀୟ ପିତା ବା ଅନ୍ୟ ଅଭିଭାବକ ତାଙ୍କ ବିବାହ କରାଇଥାନ୍ତି, ଅଠର ବର୍ଷ ବୟସରେ ଉପନୀତ ହେବା ପୂର୍ବରୁ ସେ ସେହି ବିବାହକୁ ପ୍ରତ୍ୟାଖ୍ୟାନ କରିଥାନ୍ତି :

ପରନ୍ତୁ ବିବାହୋତ୍ତର ସମ୍ଭୋଗ ହୋଇ ନ ଥାଏ;

(viii) ଯଦି ପତି ତାଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରୁଥାନ୍ତି, ଅର୍ଥାତ୍,—

(କ) ଯଦି ଅଭ୍ୟାସଗତ ଭାବେ ତାଙ୍କସହ ମାରଧର କରୁଥାନ୍ତି କିମ୍ବା ନିର୍ଦ୍ଦୟ ଆଚରଣ ଦ୍ୱାରା ତାଙ୍କର ଜୀବନକୁ ଦୁର୍ଦ୍ଦଶାଗ୍ରସ୍ତ କରୁଥାନ୍ତି ଯଦିଚ ସେହି ଆଚରଣ ଶାରୀରିକ ଦୁର୍ବ୍ୟବହାର ପଦବାଚ୍ୟ ହୁଏ ନାହିଁ, କିମ୍ବା

(ଖ) କୁଖ୍ୟାତଥିବା ନାରୀଙ୍କ ସହିତ ସାଥୀ ହେଉଥାନ୍ତି ବା ଗର୍ହିତ ଜୀବନ ଯାପନ କରୁଥାନ୍ତି, କିମ୍ବା

(ଗ) ଅନୈତିକ ଜୀବନ ଯାପନ କରିବା ନିମିତ୍ତ ତାଙ୍କୁ ବାଧ୍ୟ କରିବାକୁ ପ୍ରଯତ୍ନ କରୁଥାନ୍ତି, କିମ୍ବା

(ଘ) ତାଙ୍କର ସମ୍ପତ୍ତିକୁ ନିକାଶ କରୁଥାନ୍ତି ବା ସେହି ସଂପତ୍ତି ଉପରେ ବୈଧ ଅଧିକାର ପ୍ରୟୋଗ କଲେ ତାଙ୍କୁ ନିବାରଣ କରୁଥାନ୍ତି; କିମ୍ବା

(ଙ) ତାଙ୍କର ଧର୍ମମତ ବା ଧର୍ମଗତ ଆଚାର ପାଳନ କରିବାରେ ତାଙ୍କୁ ବାଧା ଦେଉଥାନ୍ତି, କିମ୍ବା

(ଚ) ଯଦି ପତିଙ୍କର ଏକାଧିକ ପତ୍ନୀ ଥାନ୍ତି, ତାହାହେଲେ କୋରାନ୍‌ର ଆଦେଶାନୁସାରେ ତାଙ୍କ ପ୍ରତି ନ୍ୟାୟୋଚିତ ବ୍ୟବହାର କରୁନଥାନ୍ତି,

(ix) ମୁସଲମାନ ବିଧି ଅନୁଯାୟୀ ବିବାହର ବିଘଟନ ପାଇଁ ବିଧିମାନ୍ୟ ବୋଲି ସ୍ୱୀକୃତିପ୍ରାପ୍ତ ଅନ୍ୟ କୌଣସି ହେତୁ; ଯୋଗୁ:

ପରନ୍ତୁ—

(କ) ଦଣ୍ଡାଦେଶ ଚୂଡ଼ାନ୍ତ ନହେଲା ପର୍ଯ୍ୟନ୍ତ ହେତୁ (iii) ଯୋଗୁଁ କୌଣସି ଡିକ୍ରୀ ଦିଆଯିବ ନାହିଁ ।

(ଖ) ହେତୁ (i) ଯୋଗୁଁ ଦିଆଯାଇଥିବା ଡିକ୍ରୀ, ସେପରି ଡିକ୍ରୀ ତାରିଖଠାରୁ ଛଅମାସ ଯାଏ ପ୍ରଭାବୀ ହେବନାହିଁ, ଓ ଯଦି ପତି ସେହି ସମୟ ମଧ୍ୟରେ ସ୍ୱୟଂ ବା ପ୍ରାଧିକୃତ ଅଭିକର୍ତ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୁଅନ୍ତି ଓ ସେ ତାଙ୍କର ଦାଂପତ୍ୟ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ନ୍ୟାୟାଳୟର ହୃଦବୋଧ କରାନ୍ତି, ତାହାହେଲେ ନ୍ୟାୟାଳୟ ଉକ୍ତ ଡିକ୍ରୀକୁ ନାକଚ କରିବେ; ଓ

(ଗ) ହେତୁ (v) ଯୋଗୁଁ ଡିକ୍ରୀ ଦେବା ପୂର୍ବରୁ ପତିଙ୍କ ଦ୍ୱାରା ଦରଖାସ୍ତ କରାଗଲେ, ସେ ଆଉ ନପୁଂସକ ହୋଇନାହାନ୍ତି ବୋଲି ନ୍ୟାୟାଳୟ ଆଦେଶ ଦେବା ତାରିଖଠାରୁ ଏକବର୍ଷ ମଧ୍ୟରେ ନ୍ୟାୟାଳୟର ହୃଦବୋଧ କରାଇବାକୁ ଆବଶ୍ୟକ କରି ନ୍ୟାୟାଳୟ ଏକ ଆଦେଶ ଦେବେ ଏବଂ ଯଦି ସେପରି ସମୟ ମଧ୍ୟରେ ପତି ନ୍ୟାୟାଳୟର ସେପରି ହୃଦବୋଧ କରାନ୍ତି, ତାହାହେଲେ ଉକ୍ତ ହେତୁ ଯୋଗୁଁ କୌଣସି ଡିକ୍ରୀ ଦିଆଯିବ ନାହିଁ ।

ପତିଙ୍କ ପତ୍ତା ଜଣା ନଥିବା ବେଳେ ପତିଙ୍କ ଦାୟାଦମାନଙ୍କ ଉପରେ ନୋଟିସ ଜାରିହେବ ।

3. ଧାରା 2ର ଖଣ୍ଡ (i) ଲାଗୁ ହେଉଥିବା ମକଦ୍ଦମାରେ—

(କ) ବାଦପତ୍ର ଦାଏର ହେବାଦିନ ପତିଙ୍କର ମୃତ୍ୟୁ ହୋଇଥିଲେ ମୁସଲମାନ ବିଧି ଅନୁଯାୟୀ ଯେଉଁମାନେ ପତିଙ୍କର ଦାୟାଦ ହୋଇଥାନ୍ତେ, ସେହି ବ୍ୟକ୍ତିମାନଙ୍କ ନାମ ଓ ଠିକଣା ଅର୍ଜିରେ ଉଲ୍ଲେଖ କରାଯିବ ।

(ଖ) ସେହି ବ୍ୟକ୍ତିମାନଙ୍କ ଉପରେ ମକଦ୍ଦମାର ନୋଟିସ ଜାରି ହେବ, ଓ

(ଗ) ସେହି ବ୍ୟକ୍ତିମାନଙ୍କର ମକଦ୍ଦମାରେ ଶୁଣାଣି ହେବା ପାଇଁ ଅଧିକାର ରହିବ :

ପରନ୍ତୁ ଯଦି ପତିଙ୍କର କେହି କକା ଓ ଭାଇ ଥାଆନ୍ତି ତାହାହେଲେ ସେ ବା ସେମାନେ ଦାୟାଦ ନ ହୋଇଥିଲେ ମଧ୍ୟ ତାଙ୍କୁ ପକ୍ଷରୂପେ ଉଲ୍ଲେଖ କରାଯିବ ।

ଅନ୍ୟ ଧର୍ମବିଶ୍ୱାସ ଗ୍ରହଣର ପରିଣାମ ।

4. କୌଣସି ବିବାହିତା ମୁସଲମାନ ନାରୀ ଇସଲାମ ଧର୍ମ ତ୍ୟାଗ କରିବା ଦ୍ୱାରା କିମ୍ବା ଇସଲାମ ଭିନ୍ନ ଅନ୍ୟ ଧର୍ମବିଶ୍ୱାସ ଗ୍ରହଣ କରିବା ଦ୍ୱାରା ବିବାହ ଆପେ ଆପେ ବିଘଟିତ ହେବନାହିଁ :

ପରନ୍ତୁ, ସେପରି ଧର୍ମ ତ୍ୟାଗ ବା ଧର୍ମାନ୍ତରଣ ପରେ, ଧାରା 2ରେ ଉଲ୍ଲିଖିତ କୌଣସି ହେତୁ ଯୋଗୁଁ ସେହି ନାରୀ ତାହାଙ୍କର ବିବାହର ବିଘଟନ ପାଇଁ ଡିକ୍ରୀ ପାଇବାକୁ ହକଦାର ହେବେ :

ପୁନଶ୍ଚ, ଏହି ଧାରାର ଉପବନ୍ଧମାନ ଅନ୍ୟ କୌଣସି ଧର୍ମ ବିଶ୍ୱାସରୁ ଇସଲାମ ଧର୍ମକୁ ଅନ୍ତରିତ ହୋଇଥିବା ଯେଉଁ ନାରୀ ନିଜର ପୂର୍ବ ଧର୍ମବିଶ୍ୱାସକୁ ପୁନର୍ଗ୍ରହଣ କରଥାନ୍ତି ତାଙ୍କୁ ଲାଗୁ ହେବନାହିଁ ।

ସ୍ତ୍ରୀଧନ ପ୍ରତି ଅଧିକାରପ୍ରଭାବିତ ହେବନାହିଁ ।

5. ଏହି ଅଧିନିୟମରେ ଥିବା କୌଣସି ବିଷୟ ଦ୍ୱାରା ବିବାହ ବିଘଟନ ପରେ ମୁସଲମାନ ବିଧି ଅନୁଯାୟୀ କୌଣସି ବିବାହିତା ନାରୀଙ୍କର ସ୍ତ୍ରୀଧନ ବା ତାହାର କୌଣସି ଅଂଶ ଉପରେ ଥିବା ତାଙ୍କର କୌଣସି ଅଧିକାର ପ୍ରଭାବିତ ହେବନାହିଁ ।

6. ନିରସିତ

———